ମେସର୍ସ ହରି ଫର୍ଟିଲାଇଜର୍ସ ଇତ୍ୟାଦି

ବନାମ

ୟୁ.ପି. ରାଜ୍ୟ ଏବଂ ଅନ୍ୟମାନେ

ଜୁଲାଇ 28, 2000

**[ଏସ୍. ରାଜେନ୍ଦ୍ର ବାବୁ ଏବଂ ଶିବରାଜ ଭି. ପାଟିଲ୍, ନ୍ୟାୟମୂର୍ତ୍ତିଦ୍ୱୟ]**

***ଶ୍ରମିକ ଆଇନ :***

*ୟୁ.ପି. ଶିଳ୍ପ ବିବାଦ ଅଧିନିୟମ, 1947–ବନ୍ଦ ହେବାର ବହୁ ପୂର୍ବରୁ ଶ୍ରମିକମାନଙ୍କୁ ବରଖାସ୍ତ କରିବା–କାରଖାନା ବନ୍ଦ ହେବା ପରେ ଅନ୍ୟ ଶ୍ରମିକମାନଙ୍କୁ ପରବର୍ତ୍ତୀ ସମୟରେ ବରଖାସ୍ତ କରିବା–ପରବର୍ତ୍ତୀ ବରଖାସ୍ତ ସମ୍ବନ୍ଧୀୟ ବିବାଦ ପାଇଁ ବ୍ୟବସାୟୀ ସଂଘ ସହିତ କମ୍ପାନୀ ଦ୍ୱାରା ବୁଝାମଣା–ଦର୍ଶାଯାଇଛି, ତଥ୍ୟ ଆଧାରରେ, ବୁଝାମଣାର ଖଣ୍ଡଗୁଡ଼ିକ ବୁଝାମଣା ସମୟରେ ଥିବା ମାମଲାଗୁଡ଼ିକୁ ଉଲ୍ଲେଖ କରିଥାଏ, ଏବଂ ବୁଝାମଣା ତାରିଖ ଠାରୁ ବହୁ ଦୂରରେ ଥିବା ମାମଲାଗୁଡ଼ିକୁ ନୁହେଁ–ଶିଳ୍ପ ବିବାଦ ଅଧିନିୟମ, 1947 ।*

**ଅପିଲକାରୀ-କମ୍ପାନୀ ଦ୍ୱାରା ଉତ୍ତରଦାତା-ଶ୍ରମିକମାନଙ୍କୁ 1985 ମସିହାରେ ଚାକିରିରୁ ବରଖାସ୍ତ କରାଯାଇଥିଲା । ଶ୍ରମ ନ୍ୟାୟାଳୟରେ ବିବାଦ ବିଚାରାଧୀନ ଥିଲା । 1988-89ରେ, କମ୍ପାନୀର କାରଖାନା ବନ୍ଦ ହୋଇଯାଇଥିଲା । ବନ୍ଦ ଯୋଗୁଁ ଏହି ସମୟ ମଧ୍ୟରେ ସାତ ଜଣ ଶ୍ରମିକଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିଲା । ଏହି ଶ୍ରମିକମାନଙ୍କ ସହ ଜଡ଼ିତ ବିବାଦ ମଧ୍ୟ ଶ୍ରମ ନ୍ୟାୟାଳୟକୁ ଆସିଥିଲା । ୟୁ.ପି. ଶିଳ୍ପ ବିବାଦ ଅଧିନିୟମ, 1947 ଅନୁଯାୟୀ 19.10.1989ରେ କମ୍ପାନୀ ଦ୍ୱାରା ବ୍ୟବସାୟୀ ସଂଘ ସହିତ ମିଳାମିଶା ପ୍ରକ୍ରିୟା ସମୟରେ ଅତିରିକ୍ତ ଶ୍ରମ ଆୟୁକ୍ତ (ମିଳାମିଶା)ଙ୍କ ଉପସ୍ଥିତିରେ ସାତ ଜଣ ଶ୍ରମିକଙ୍କ ସହ ଜଡ଼ିତ ବିବାଦ ସମ୍ପର୍କରେ ଏକ ବୁଝାମଣା ହୋଇଥିଲା । କମ୍ପାନୀ, ଶିଳ୍ପ ନ୍ୟାୟାଧିକରଣରେ ଏକ ଆବେଦନ ଦାଖଲ କରି ଦାବି କରିଥିଲା ଯେ, ଉପରୋକ୍ତ ବୁଝାମଣା ଆଧାରରେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବା ଉଚିତ । ଶ୍ରମ ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି । କମ୍ପାନୀ, ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲା, ଯାହା ଖାରଜ ହୋଇଯାଇଥିଲା । ଉଚ୍ଚ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଯେହେତୁ ଉତ୍ତରଦାତା-ଶ୍ରମିକଙ୍କୁ ସେବା ବନ୍ଦ ହେବାର ବହୁ ପୂର୍ବରୁ ବରଖାସ୍ତ କରାଯାଇଥିଲା, ତେଣୁ ଶ୍ରମିକ ସଂଘର, ଉତ୍ତରଦାତା-ଶ୍ରମିକଙ୍କ ତରଫରୁ**

**ସେମାନଙ୍କ ସମ୍ମତି ବିନା ବିବାଦରେ ବୁଝାମଣା କରିବାର କୌଣସି ଅଧିକାର ନାହିଁ । ତେଣୁ କମ୍ପାନୀ ପକ୍ଷରୁ ଅପିଲ କରାଯାଇଛି ।**

**ଅପିଲଗୁଡ଼ିକୁ ଖାରଜ କରି ନ୍ୟାୟାଳୟ**

**ଦର୍ଶାଇଛନ୍ତି: କମ୍ପାନୀ ସହିତ ବ୍ୟବସାୟୀ ସଂଘ ଦ୍ୱାରା ହୋଇଥିବା ବୁଝାମଣାର ବିଭିନ୍ନ ଖଣ୍ଡ ସୂଚିତ କରେ ଯେ, 1988-89 ବର୍ଷରେ କାରଖାନା ବନ୍ଦ ହେବା ପରେ ଏହା ହୋଇଥିଲା । ବୁଝାମଣାର ଚୁକ୍ତିର ଖଣ୍ଡଗୁଡ଼ିକ ଏହା ସ୍ପଷ୍ଟ କରେ ଯେ, ସେମାନେ କେବଳ ସେହି ମାମଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରିବେ ଯାହା ବୁଝାମଣା ସମୟର ନିକଟବର୍ତ୍ତୀ ଥିଲା ଏବଂ ବୁଝାମଣା ତାରିଖଠାରୁ ଦୂରରେ ଥିବା ସମସ୍ତ ମାମଲାକୁ ନୁହେଁ । ତେଣୁ, ଉଚ୍ଚ ନ୍ୟାୟାଳୟ ଏବଂ ଶ୍ରମ ନ୍ୟାୟାଳୟ ଅବଶ୍ୟ ବିଭିନ୍ନ କାରଣ ପାଇଁ, ସେମାନଙ୍କ ବିଚାରରେ ଯଥାର୍ଥ ଥିଲେ । ଶ୍ରମ ନ୍ୟାୟାଳୟ ଏବେ ଆଇନ ଅନୁଯାୟୀ ମାମଲାର ପରିସମାପ୍ତି କରିପାରିବେ । [13-ଜି-ଏଚ୍, 14-ଏ]**

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 5312/1992 ।

ସି.ଏମ୍.ଡବ୍ଲ୍ୟୁ.ପି. ସଂଖ୍ୟା 747/1992ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 25.3.92 ତାରିଖର ରାୟ ଏବଂ ଆଦେଶ ।

ସହିତ

ଦେୱାନୀ ଅପିଲ ସଂଖ୍ୟା 5313/92,5314/92 ଏବଂ 5315/92ରୁ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ଜି.ବି. ପାଇ, ଭାରତ ସାଙ୍ଗଲ୍, ଆନନ୍ଦ ପାଣ୍ଡେ, ସୁଶ୍ରୀ ଆଶା ପାଠକ, ସୁଶ୍ରୀ ଆଜ୍ଞା ଆର୍. ଶର୍ମା, କେ. ମିଶ୍ର, ଆର୍.ବି. ମିଶ୍ର, ଶୀଲା ଗୋଏଲ୍, ଅନ୍ନମ୍ ଡି.ଏନ୍. ରାଓ, ମନୋଜ ଗୋଏଲ୍ ଏବଂ ଏ.କେ. ଗୋଏଲ୍ ।

ନ୍ୟାୟାଳୟଙ୍କ ରାୟ **ରାଜେନ୍ଦ୍ର ବାବୁ , ନ୍ୟାୟମୂର୍ତ୍ତି**ଙ୍କ ଦ୍ୱାରା ପ୍ରଦାନ କରାଯାଇଛି ।

ଆମ ସମ୍ମୁଖରେ ଚାରୋଟି ଅପିଲ ଦାଖଲ ହୋଇଛି, ଯାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ସାଧାରଣ ଆଦେଶରୁ ଉତ୍ପନ୍ନ ହୁଏ । ପ୍ରତ୍ୟେକ ମାମଲାରେ ତୃତୀୟ ଉତ୍ତରଦାତା, ଅପିଲକାରୀଙ୍କ ପ୍ରତିଷ୍ଠାନରେ ଜଣେ ଶ୍ରମିକ ରହିଛନ୍ତି । ଅତିରିକ୍ତ ଶ୍ରମ ଆୟୁକ୍ତ (ବୁଝାମଣା)ଙ୍କ

ଉପସ୍ଥିତିରେ ଅପିଲକାରୀ ଏବଂ ବ୍ୟବସାୟୀ ସଂଘ ଦ୍ୱାରା ପ୍ରତି ବିବାଦର ବୁଝାମଣା ପାଇଁ 19.10.୫୨ରେ ଏକ ଚୁକ୍ତିନାମା ହୋଇଥିଲା ।

ୟୁ.ପି. ଶିଳ୍ପ ବିବାଦ ଅଧିନିୟମ, 1947 ଏବଂ ଶିଳ୍ପ ବିବାଦ ଅଧିନିୟମ, 1947 (ଏହା ପରେ 'ଅଧିନିୟମ' ଭାବରେ ସୂଚିତ) ଅଧୀନରେ ବିବାଦ ବୁଝାମଣାର ଯୋଜନା ସମାନ ଅଟେ, କେବଳ ଏହା ବ୍ୟତୀତ ଯେ, ୟୁ.ପି. ଅଧିନିୟମର ଧାରା 6-B ଅନୁଯାୟୀ ଏହି ଅଧିନିୟମ ଅନୁରୂପ କୌଣସି ବ୍ୟବସ୍ଥା ନାହିଁ । ତେଣୁ, ଉଚ୍ଚ ନ୍ୟାୟାଳୟ ଏକ ସିଦ୍ଧାନ୍ତ ପ୍ରଦାନ କରିଛନ୍ତି ଯେ, ଏହି ଉପରୋକ୍ତ ବ୍ୟବସ୍ଥା ୟୁ.ପି. ରାଜ୍ୟରେ ଲାଗୁ ହେବ । ଉଚ୍ଚ ନ୍ୟାୟାଳୟଙ୍କ ଏହି ମତ ଠିକ ବୋଲି ଜଣାପଡୁଛି । ଏହାର ଅର୍ଥ କେବଳ ଏହା ହେବ ଯେ, ଶ୍ରମିକମାନଙ୍କ ବୃହତ୍ତର ସ୍ୱାର୍ଥକୁ ପ୍ରତିନିଧିତ୍ୱ କରୁଥିବା ସଂଘ କିମ୍ବା ସଂଘଗୁଡ଼ିକ ସହିତ ହୋଇଥିବା ମିଳାମିଶା ସାଧାରଣତଃ ଅଧିକାଂଶ ସଂଘ ପାଇଁ ବାଧ୍ୟତାମୂଳକ ହେବ । ନିଃସନ୍ଦେହରେ, କୌଣସି ସଂଘ ଦ୍ୱାରା ସମର୍ଥନ କରାଯାଇ ନଥିବା, କିନ୍ତୁ ଅଧିନିୟମ 2-A ଅନୁଯାୟୀ ବିବାଦ ବୋଲି ବିବେଚନା କରାଯାଉଥିବା ବିବାଦ ପାଇଁ, ଶ୍ରମିକ ଏବଂ ଶିଳ୍ପର ବୃହତ୍ତର ସ୍ୱାର୍ଥରେ, ଏକ ସଂଘ ଦ୍ୱାର ବୁଝାମଣା କରାଯାଇପାରେ ।

ବର୍ତ୍ତମାନର ମାମଲାରେ ଏହା ଦେଖିବାକୁ ମିଳିଛି ଯେ, ବନ୍ଦ କରିବାର ପ୍ରଶ୍ନ ଉଠିବାର ବହୁ ପୂର୍ବରୁ ପ୍ରତ୍ୟେକ ଶ୍ରମିକଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିଲା । ବାସ୍ତବରେ, ଏହି ରାଜିନାମା ନିର୍ଦ୍ଦିଷ୍ଟ ଭାବରେ ସାତ ଜଣ ଶ୍ରମିକଙ୍କ ସେବାକୁ ସୂଚିତ କରେ ଯାହାଙ୍କ ସେବା 1988-୫୨ ବର୍ଷରେ ସମାପ୍ତ ହୋଇଥିଲା ଏବଂ ଅନ୍ୟମାନଙ୍କ ସମ୍ବନ୍ଧରେ ନୁହେଁ ।

ବ୍ୟାଖ୍ୟାରୁ ଉତ୍ପନ୍ନ ଚୁକ୍ତିରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ଖଣ୍ଡ ଅଛି- ଖଣ୍ଡ (7), ଖଣ୍ଡ (10) ଏବଂ ଖଣ୍ଡ (14) । ଧାରା (7) ଅନୁଯାୟୀ, ସେହି ବର୍ଷ ସମାପ୍ତ ହୋଇଥିବା ସାତ ଜଣ ଶ୍ରମିକଙ୍କ ସେବା ଏବଂ ଯେଉଁମାନଙ୍କ ବିବାଦ ଶିଳ୍ପ ନ୍ୟାୟାଧିକରଣ (I) ଆହ୍ଲାବାଦ ସମ୍ମୁଖରେ ବିଚାରାଧୀନ ରହିଛି, ସେଗୁଡ଼ିକର ବୁଝାମଣା ପାଇଁ କେତେକ ସର୍ତ୍ତ ରଖାଯାଇଛି । ଯଦି ବନ୍ଦ କ୍ଷତିପୂରଣ ଟ. 15,000ରୁ ଅଧିକ ହୋଇଥାଏ ତେବେ ସେହି ପରିମାଣ ଦେୟଯୋଗ୍ୟ ହେବ ଏବଂ ଯଦି ସେହି କ୍ଷତିପୂରଣ ଉକ୍ତ ପରିମାଣ ଅର୍ଥାତ୍ ଟ. 15, 000 ଠାରୁ କମ ହେଲେ କମ ରାଶି ଦେବାକୁ ପଡ଼ିବ । ଖଣ୍ଡ (10)ରେ ବ୍ୟବସ୍ଥା ରହିଛି ଯେ, ଉଚ୍ଚ ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣ/ଶ୍ରମ ନ୍ୟାୟାଳୟରେ ବିଚାରାଧୀନ ଥିବା ସମସ୍ତ ବିବାଦ/ମକଦ୍ଦମା, ତାହା ସାମୂହିକ ହେଉ କିମ୍ବା ବ୍ୟକ୍ତିଗତ, ଶେଷରେ ଏହି ରାଜିନାମା ଆଧାରରେ

ନିଷ୍ପତ୍ତି ନିଆଯାଇଥିବା ବିବେଚନା କରାଯିବ ଏବଂ ଏପରି ସମସ୍ତ ମାମଲା ନ୍ୟାୟଳୟରୁ ପ୍ରତ୍ୟାହାର କରାଯିବ । ଖଣ୍ଡ (14)ରେ କୁହାଯାଇଛି ଯେ, ବନ୍ଦ ହେବା କାରଣରୁ ଉପୁଜିଥିବା ସମସ୍ତ ବିବାଦ ଏବଂ ଦେୟ ସମ୍ବନ୍ଧରେ ଏହି ରାଜିନାମା ଆଧାରରେ, ସମସ୍ତ ବିଦ୍ୟମାନ ବିବାଦରେ ଶେଷରେ ନିଷ୍ପତ୍ତି ନିଆଯାଇଥିବା ବିବେଚନା କରାଯିବ । ତେବେ, ପ୍ରତ୍ୟେକ ମାମଲାରେ ଉତ୍ତରଦାତାମାନେ ସେମାନଙ୍କ ମାମଲାରେ ଉପରୋକ୍ତ ବୁଝାମଣାର ପ୍ରୟୋଗକୁ ନେଇ ବିବାଦ କରିଥିଲେ । ନ୍ୟାୟାଧିକରଣ ସମ୍ମୁଖରେ ଅପିଲକାରୀଙ୍କ ପାଇଁ ଏକ ଆବେଦନ ଦାଖଲ କରାଯାଇଥିଲା, ଯେଉଁଥିରେ ଦାବି କରାଯାଇଥିଲା ଯେ, ସନ୍ଦର୍ଭରେ ତା19.10.1989ରିଖର ବୁଝାମଣା ଅନୁଯାୟୀ ନିଷ୍ପତ୍ତି ନିଆଯିବା ଉଚିତ । ସେହି ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଛି ଏବଂ ଅପିଲକାରୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଆନ ଦାଖଲ କରାଯାଇଛି । ଉଚ୍ଚ ନ୍ୟାୟାଳୟ ଏହି ମତ ରଖିଥିଲେ ଯେ, ଏହି ମାମଲାରେ ପ୍ରତ୍ୟେକ ଉତ୍ତରଦାତାଙ୍କ ସେବାକୁ 1985 ମସିହାରେ ସମାପ୍ତ କରାଯାଇଥିଲା ଏବଂ ତାଙ୍କ ସମ୍ମତି ଗ୍ରହଣ କରାନଯିବା ପର୍ଯ୍ୟନ୍ତ ତାଙ୍କ ଚାକିରିରୁ ଅବସର ସମ୍ବନ୍ଧୀୟ ବିବାଦର ବୁଝାମଣା ପାଇଁ ସଂଘର କୌଣସି ଅଧିକାର ନାହିଁ ଏବଂ ବୁଝାମଣାରେ ଏହି ବିବାଦର କୌଣସି ଉଲ୍ଲେଖ ନଥିବାରୁ, ଏହାର ମହତ୍ତ୍ୱ ନାହିଁ ଏବଂ ସେଥିପାଇଁ ସେହି ଆଧାରରେ ଦର୍ଶାଯାଇଥିଲା ଯେ, ଶ୍ରମ ନ୍ୟାୟାଳୟ ଦ୍ୱାରା ନିଆଯାଇଥିବା ମତ ସଠିକ ଅଟେ ଏବଂ କୌଣସି ହସ୍ତକ୍ଷେପ ଆବଶ୍ୟକ କରେ ନାହିଁ ଏବଂ ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନ ପ୍ରତ୍ୟାଖ୍ୟାନ କରିଥିଲେ । ସେଥିପାଇଁ ଏହି ଅପିଲ କରାଯାଇଛି ।

ବୁଝାମଣାର ଖଣ୍ଡ (7), ଖଣ୍ଡ (10) ଏବଂ ଖଣ୍ଡ (14)ର ପଠନ ସୂଚିତ କରିବ ଯେ, ଏହା 1988-89 ବର୍ଷରେ କାରଖାନା ବନ୍ଦ ହେବା ପରେ ହୋଇଥିଲା । ଉତ୍ତରଦାତା ଶ୍ରମିକମାନଙ୍କର ଦାବି ହେଉଛି ଯେ, ସେମାନଙ୍କର ସେବା ବହୁ ପୂର୍ବରୁ ଅର୍ଥାତ୍ 1985 ମସିହାରେ ସମାପ୍ତ କରାଯାଇଥିଲା । ତେଣୁ, ସେମାନଙ୍କ ମାମଲା ବୁଝାମଣାର ପରିସର ମଧ୍ୟରେ ଆଦୌ ନଥିଲା । ଖଣ୍ଡ (7), (10) ଏବଂ (14)କୁ ଯତ୍ନର ସହିତ ପଢ଼ିଲେ ଏହା ସ୍ୱଷ୍ଟ ହୋଇଯିବ ଯେ, ଏହା କେବଳ ସେହି ମାମଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରିବ ଯାହା ବୁଝାମଣା ସମୟର ନିକଟବର୍ତ୍ତୀ ଥିଲା ଏବଂ ବୁଝାମଣା ତାରିଖଠାରୁ ଦୂରରେ ଥିବା ସମସ୍ତ ମାମଲାକୁ ନୁହେଁ । ତେଣୁ, ଆମର ମତ ହେଉଛି ଯେ, ଉଚ୍ଚ ନ୍ୟାୟାଳୟ ଏବଂ ଶ୍ରମ ନ୍ୟାୟାଳୟ ସେମାନଙ୍କ ବିଚାରରେ, ଅବଶ୍ୟ ଭିନ୍ନ କାରଣରୁ, ଯଥାର୍ଥ ଥିଲେ । ଶ୍ରମ ନ୍ୟାୟାଳୟ ବର୍ତ୍ତମାନ ଆଇନ ଅନୁଯାୟୀ ଏହି ବିଷୟଗୁଡ଼ିକୁ ପରିସମାପ୍ତ କରିପାରିବେ ।

ତେଣୁ, ଏହି ଅପିଲଗୁଡ଼ିକ, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଖାରଜ ହେଲା ।

ବି.ଏସ୍. ଅପିଲଗୁଡ଼ିକ ଖାରଜ ହୋଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।